## କୃତ୍ରିମ ପ୍ରଜନନ

ପଶୁ ସଂପଦର ବିକାଶ କେବଳ ସୁନିୟନ୍ତ୍ରିତ ପ୍ରଜନନ ନୀତି ମାଧ୍ୟମରେ ହିଁ ସମ୍ଭବ ହୋଇପାରିବ । ସାଧାରଣତଃ ନିକୃଷ୍ଟମାନର ଗୁଣସୂତ୍ର ଓ ସବୁଜ ଘାସର ଅଭାବ ଯୋଗୁଁ ଦେଶୀ ଗାଈ ଗୁଡ଼ିକ ଖୁବ୍ କମ୍ କ୍ଷୀର ଦେଉଥିବି । ତେଣୁ ଗୋ-ସଂପଦର ବିକାଶ ପାଇଁ କ୍ରମୋନ୍ନୟନ ଏବଂ ଶଙ୍କରୀ କରଣ ପ୍ରକ୍ରିୟା ଅବଲମ୍ବନ କରାଯାଇ ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଗାଈ ଓ ମଇଁଷି ସୃଷ୍ଟି କରିବା ସମ୍ଭବପର ହୋଇ ପାରିଛି । ତେଣୁ ଗୋ-ସଂପଦର ଗୁଣାତ୍ମକ ମାନର ବିକାଶ ସହିତ ଅଧିକ ଦୁଗ୍ଧ ଉତ୍ପାଦନ ପାଇବାକୁ ହେଲେ କୃତ୍ରିମ ପ୍ରଜନନ ଗୁରୁତ୍ୱପୂର୍ଣ୍ଣ । ପଶୁସଂପଦ ବିଭାଗ ଏହି କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ସର୍ବୋତ୍କୃଷ୍ଟ ପନ୍ଥା ରୂପେ ଗ୍ରହଣ କରି ଏହାର ବହୁଳ ପ୍ରସାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

ଚଳିତ ୨୦୦୪-୦୫ ଆର୍ଥିକ ବର୍ଷ (ଜାନୁଆରୀ-୦୫ ସୁଦ୍ଧା) ଆମ ରାଜ୍ୟରେ ୨୪୫୬ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଜରିଆରେ ୪ ଲକ୍ଷ ୮୨ ହଜାର ଗାଈ ବା ଛତ୍ରାକୁ କୃତ୍ରିମ ପ୍ରଜନନ କରାଯାଇ ୨ ଲକ୍ଷ ୨ ହଜାର ଶଙ୍କର ଜାତୀୟ ବାଛୁରୀ ସୃଷ୍ଟି କରାଯାଇ ପାରିଛି ।

## ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନା

ଆମ ରାଜ୍ୟ ତଥା ଦେଶରେ ଗୋ-ମହିଷାଦି ପଶୁପାଳନ ଅନ୍ୟାନ୍ୟ ଗୃହପାଳିତ ପଶୁପାଳନ ତୁଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଏବଂ ସମୁଦାୟ ପଶୁ ସଂପଦର ଶତକଡ଼ା ୧୦୦ ଭାଗ ଆୟରୁ କେବଳ ୭୫ ଭାଗ ଆୟ ଏହି ଗୋ-ସଂପଦରୁ ମିଳିଥାଏ । ଗୁଣାତ୍ମକମାନ ଓ ମୂଲ୍ୟ ଦୃଷ୍ଟିରୁ ସମଗ୍ର ପଶୁପାଳନରେ ଦୁଗ୍ଧ ଏକ ମୁଖ୍ୟ ଅପରିହାର୍ଯ୍ୟ ଦ୍ରବ୍ୟଭାବେ ଗ୍ରହଣ କରାଯାଏ । ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ କୃତ୍ରିମ ପ୍ରଜନନ ମୁଖ୍ୟତଃ ସହାୟକ ହୋଇଥାଏ । ଉତ୍ତମ ପ୍ରଜନନ ପ୍ରଣାଳୀ ଅନୁସରଣ କରି ପ୍ରଜନନ ପ୍ରକ୍ରିୟାକୁ ସୁଚୟନିତ କରିବା ସହିତ ପଶୁ ସଂପଦର ସାମୁହିକ ବିକାଶ ପାଇଁ ଏକ ସ୍ୱୟଂଚାଳିତ ସଂସ୍ଥା "ଓଡ଼ିଶା ପଶୁ ସଂପଦ ବିକାଶ ପାଇଁ ଏକ ସ୍ୱୟଂଚାଳିତ ସଂସ୍ଥା" ଓଡ଼ିଶା ପଶୁ ସଂପଦ ବିକାଶ ସମିତି ବା OLRDS ଗଠନ କରାଯାଇଅଛି । ଏହି ସମିତି ମାଧ୍ୟମରେ ଏକ ପ୍ରକଳ୍ପ ପ୍ରସ୍ତାବ କେନ୍ଦ୍ରସରକାରଙ୍କ ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରାଯାଉଅଛି ଯାହାର ନାମ ହେଉଛି "ଜାତୀୟ ଗୋ-ମହିଷାଦି ପ୍ରଜନନ ଯୋଜନା" ବା NPCBB । ଉକ୍ତ ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଗୋ-ମହିଷାଦିଙ୍କ ପ୍ରଜନନ ଦକ୍ଷତା ବୃଦ୍ଧି ନିମନ୍ତେ ଶତକଡ଼ା ୭୦ ଭାଗ ପ୍ରଜନନକ୍ଷମ ଗୋ-ମହିଷାଦିଙ୍କୁ କୃତ୍ରିମ ପ୍ରଜନନରେ ଅନ୍ତର୍ଭୁକ୍ତ କରି ଗୋ-ସଂପଦର ବିକାଶ ଘଟାଇବା ସଙ୍ଗେ ସଙ୍ଗେ ବେକାର ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା, ଏହି କେନ୍ଦ୍ରୀୟ ଯୋଜନା ଆମ ରାଜ୍ୟରେ ୨୦୦୧-୦୨ ବର୍ଷଠାରୁ କାର୍ଯ୍ୟ କରୁଅଛି ଏବଂ ଏହା ଆସନ୍ତା ୨୦୧୦ ବର୍ଷ ପର୍ଯ୍ୟନ୍ତ ଚାଲବଳର ରହିବ ।

## ପଶୁସ୍ୱାସ୍ଥ୍ୟ ଓ ରୋଗ ନିରାକରଣ

ଆମ ରାଜ୍ୟରେ ପଶୁ ସଂପଦ ବିଭାଗ ୫୪୦ଗୋଟି ପଶୁ ଚିକିତ୍ସାଳୟ ଏବଂ ୨୯୩୯ ଗୋଟି ପଶୁ ସହାୟକ କେନ୍ଦ୍ର ମାଧ୍ୟମରେ ପଶୁସଂପଦର ସୁରକ୍ଷା ପାଇଁ ଆବଶ୍ୟକୀୟ ପଶୁସେବା ଯୋଗାଇ ଦିଆଯାଉଛି । ଚଳିତ ବର୍ଷ (ଜାନୁଆରୀ ସୁଦ୍ଧା) ସର୍ବମୋଟ ୩୯.୨୧ ଲକ୍ଷ ପଶୁଙ୍କର ରୋଗ ଚିକିତ୍ସା, ୮୬.୮୬ ଲକ୍ଷ ପଶୁଙ୍କୁ ପ୍ରତିଷେଧକ ଟିକାଦାନ । ୧.୬୩ ଲକ୍ଷ ପଶୁଙ୍କର କୃମିଜନିତ ଚିକିତ୍ସା ଆଦି ଯୋଗାଇ ଦେବା ସହିତ ୩୫୨୭ଟି ଗୋ-ବନ୍ଧ୍ୟା ନିରାକରଣ ଶିବିର ଆୟୋଜନ କରାଯାଇଛି । ଆମ ରାଜ୍ୟରେ ପଶୁ ସଂପଦର ସୁରକ୍ଷା ପାଇଁ ୨ ଗୋଟି ଟିକା ଉତ୍ପାଦନ ପ୍ରତିଷ୍ଠାନ ଯଥା- ଭୁବନେଶ୍ୱର ଓ ବ୍ରହ୍ମପୁର ଠାରେ ସ୍ଥାପନ କରାଯାଇ ଆବଶ୍ୟକୀୟ ପ୍ରତିଷେଧକ ଟିକା ଉତ୍ପାଦନ କରାଯାଉଅଛି ।

## ପଶୁରୋଗ ନିରାକରଣ ପାଇଁ ରାଜ୍ୟକୁ ଆର୍ଥିକ ସହାୟତା (ASCAD)

ଏହି କେନ୍ଦ୍ରୀୟ ଯୋଜନା ଆମ ରାଜ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ୨୦୦୩-୦୪ ବର୍ଷରୁ କାର୍ଯ୍ୟକାରୀ ହୋଇଅଛି । ଏହି ଯୋଗଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ଦେଖାଦେଇଥିବା ବିଭିନ୍ନ ରୋଗ ଯଥା-ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ, ରାଣୀକ୍ଷେତ, ଗୁମ୍ଫାରୋ ଆଦି ରୋଗର ନିୟନ୍ତ୍ରଣ, ରୋଗ ନିରୀକ୍ଷଣ ଓ ସତର୍କତା, କ୍ଷେତ୍ର କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ, ସମସ୍ତ ଟିକା ଉତ୍ପାଦନ କେନ୍ଦ୍ର ଓ ରୋଗ ଅନୁସନ୍ଧାନ ଗବେଷଣାଗାରର ଦୃଢ଼ୀକରଣ ସହିତ ଜନ ସଚେତନତା ସୃଷ୍ଟିକରିବା ଇତ୍ୟାଦି ।

## ଜାତୀୟ ଗୋ-ମଡ଼କ ନିରାକରଣ ପ୍ରକଳ୍ପ (NPRE)

ଏହି ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି, ରାଜ୍ୟରୁ "ଗୋ-ମଡ଼କ" ରୋଗକୁ ସଂପୂର୍ଣ୍ଣ ନିରାକରଣ କରିବା । ୧୯୯୬ ବର୍ଷଠାରୁ ଆମ ରାଜ୍ୟକୁ ଗୋ ମଡ଼କ-ମୁକ୍ତ ରାଜ୍ୟ ରୂପେ ଘୋଷଣା କରାଯାଇଅଛି । ଏହି ରୋଗର ପ୍ରସ୍ତୁତି ଓ ନିରାକରଣ ପର୍ଯ୍ୟାୟ ସମାପ୍ତ ପରେ, ନିରୀକ୍ଷଣ ପର୍ଯ୍ୟାୟ ଅଦ୍ୟାବଧି ଚାଲୁ ରହିଅଛି । ସେଥି ପାଇଁ ନିମ୍ନଲିଖିତ ପଦ୍ଧତି ଅବଲମ୍ବନ କରାଯାଉଅଛି ।

୧. ଗ୍ରାମ୍ୟ ସ୍ତରରେ ପ୍ରାଣୀମାନଙ୍କ ଯାତାୟତ ପଥର ଅନୁସନ୍ଧାନ ଓ ପ୍ରତ୍ୟକ୍ଷ ସକ୍ରିୟ ନିରୀକ୍ଷଣ କାର୍ଯ୍ୟକ୍ରମ ।

୨. ସମସ୍ତ ପଶୁଡାକ୍ତରଖାନା ତଥା ପଶୁ ସହାୟକ କେନ୍ଦ୍ରମାନଙ୍କରେ ଏହି ରୋଗ ସମ୍ପର୍କରେ ଚିକିତ୍ସା ପରୋକ୍ଷ ଭାବେ ରୋଗ ଅନୁସନ୍ଧାନ କରିବା ।

୩. ପ୍ରାଣୀଙ୍କ ରକ୍ତ ପରୀକ୍ଷା ମାଧ୍ୟମରେ ୧୦୧ ଗୋଟି ଗ୍ରାମର ତ୍ରିସ୍ତରୀୟ ରୋଗ ଅନୁସନ୍ଧାନ । ପ୍ରତି ଗ୍ରାମରୁ ୬୦ ଗୋଟି ପଶୁଙ୍କର ରକ୍ତ ନେଇ ଏଲିଶା ପରୀକ୍ଷା ଦ୍ୱାରା ରୋଗର ପ୍ରତିପିଣ୍ଡ ଚିହ୍ନଟ କରିବା ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

NPCBB, ASCAD ଏବଂ ଇଣ୍ଡୋ-ସୁଇସ୍ ପ୍ରକଳ୍ପ ଜରିଆରେ ପଶୁ ଚିକିତ୍ସକ ପଶୁଧନ ନିରିକ୍ଷକ ଓ ବିଶେଷଜ୍ଞମାନଙ୍କୁ ରାଜ୍ୟ ଭିତରେ ଓ ରାଜ୍ୟବାହାରେ ପ୍ରଜନନ, ରୋଗନିରାକରଣ, ରୋଗନିୟନ୍ତ୍ରଣ ଏବଂ ସଂପ୍ରସାରଣ ଓ ପରିଚାଳନା ତଥା କମ୍ପ୍ୟୁଟର ବ୍ୟବହାର ବିଷୟରେ ବିଭିନ୍ନ ଅନୁଷ୍ଠାନରେ ତାଲିମ ଦିଆଯାଉଅଛି । ଏହି ତାଲିମ ଗୁଡ଼ିକ ମୁଖ୍ୟତଃ VOTI, Laxminogan, FSB, Cuttack, LITC, OCAC ରେ ଦିଆଯାଉଅଛି ।